# କୃଷି ସୂଚନା ସେବା (ଧାନ)

# ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୭ ମସିହା ଅକ୍ଟୋବର ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

❖ ବର୍ଷାଶ୍ରୀତ ସ୍ୱଳ୍ପଖାଲୁଆ ଜମି ଯେଉଁଠାରେ ସିଧାବୁଣା ହୋଇଥିବ ସେଠାରେ ଏକ ତୃତୀୟାଂଶ ଯବକ୍ଷାରଜାନ ସାର(୧୪ କି.ଗ୍ରା. ୟୁରିଆ/ଏକର) ଥୋଡ ସାର ଭାବେ ପ୍ରୟୋଗ କରନ୍ତୁ।

❖ ରୁଆ ଧାନରେ ଏକ ତୃତୀୟାଂଶ  ଯବକ୍ଷାରଜାନ ସାର ଥୋଡ ସାର ହିସାବରେ ରୋଇବାର ୪୦-୪୫ ଦିନ ପରେ ପ୍ରୟୋଗ କରନ୍ତୁ (ଅଧିକ ଅମଳକ୍ଷମ ଧାନ ପାଇଁ ଏକର ପ୍ରତି ୨୪ କି.ଗ୍ରା. ଏବଂ ଶଙ୍କର କିସମ ଧାନ ପାଇଁ ୨୮ କି.ଗ୍ରା. ୟୁରିଆ ସାର)।

❖ ଡେରିରେ ରୁଆଯାଇଥିବା ଧାନରେ ଲେଡାପୋକ ଏବଂ ନଳୀପୋକର ପ୍ରାର୍ଦୁଭାବ ଅଧିକ ଥାଏ ସେମାନଙ୍କୁ ଦମନ କରିବା ପାଇଁ କ୍ଲୋରୋପାଇରିଫସ୍ ୨୦EC ୩ ମି.ଲି./ଲିଟର ପାଣି କିମ୍ବା ଟ୍ରାଇଜୋଫସ୍ ୪୦EC ୨.୫ମି.ଲି./ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଏକ ଏକର ପାଇଁ ୨୦୦ ଲିଟର ପାଣି ବ୍ୟବହାର କରନ୍ତୁ।

❖ ବର୍ତ୍ତମାନ ସମୟରେ ହଳଦିଆ କାଣ୍ଡବିନ୍ଧା ପୋକ, ପତ୍ରମୋଡା ପୋକ, ବାଦାମୀ ଗୁଣ୍ଡିପୋକ ଏବଂ ଧଳା ପତ୍ରଡିଆଁ ପୋକର ଆର୍ବିଭାବ ହୋଇପାରେ ସେମାନଙ୍କର ଆର୍ଥିକ ଦେହଳୀ ସୀମା ହେଲା :

- ହଳଦିଆ କାଣ୍ଡବିନ୍ଧା ପୋକ-୧-୨ ଟି ପୂର୍ଣ୍ଣ ପ୍ରଜାପତି କିମ୍ବା ବର୍ଗମିଟର ପ୍ରତି ଗୋଟିଏ ଅଣ୍ଡାପୁଞ୍ଜ
- କାଣ୍ଡବିନ୍ଧା ପୋକର ସଂଖ୍ୟା ଜାଣିବା ପାଇଁ ହେକ୍ଟର ପିଛା ୮ଟି ହିସାବରେ ଯୌନ ସଂବେଦନ ଶୀଳ ଯନ୍ତ୍ରା ବସାନ୍ତୁ। ସେଥିରେ ପ୍ରତିଦିନ ୪-୫ଟି ପୂର୍ଣ୍ଣ ପ୍ରଜାପତି ଦେଖିଲେ ଆବଶ୍ୟକ ପଦକ୍ଷେପ ନିଅନ୍ତୁ।
- ପତ୍ରମୋଡା ପୋକ-ବୁଦାପ୍ରତି ୧-୨ ଟି ନଷ୍ଟ ହୋଇଥିବା ପତ୍ର
- ବାଦାମୀ ଗୁଣ୍ଡିପୋକ-ବୁଦାପ୍ରତି ୫-୧୦ଟି ପୋକ
- ଧଳା ପତ୍ରଡିଆଁ ପୋକ-ବୁଦାପ୍ରତି ୫-୧୦ ଟି ପୋକ

(ବି.ଦ୍ର: ବାଦାମୀ ଗୁଣ୍ଡିପୋକ ଏବଂ ଧଳା ପତ୍ରଡିଆଁ ପୋକର ଆର୍ବିଭାବ ଜାଣିବା ପାଇଁ ଧାନ ଗଛର ମୂଳକୁ ଗୋଟିଏ ବାଡି ଦ୍ୱାରା ବାଡେଇ ଦେଲେ ପୋକଗୁଡିକ ତଳେଥିବା ପାଣିକୁ ଡେଇଁପଡିବେ। ସେଥିରୁ ତାଙ୍କର ସଂଖ୍ୟା ଜାଣିହେବ)

❖ ଆର୍ଥିକ ଦେହଳୀ ସୀମାରୁ ପୋକର ସଂଖ୍ୟା ଅଧିକ ଥିଲେ ନିମ୍ନଲିଖିତ ପୋକମରା ଔଷଧ ବ୍ୟବହାର କରନ୍ତୁ।

- ❖ ହଳଦିଆ କାଣ୍ଡବିନ୍ଧା ପୋକର ଦମନ ପାଇଁ ଏକର ପ୍ରତି ରାଇନାକ୍ସିପାର ୨୦ SC ୬୦ ମି.ଲି. କିମ୍ବା ଟ୍ରାଇଜୋଫସ୍ ୪୦EC ୫୦୦ ମି.ଲି. କିମ୍ବା ୩୦୦ ଗ୍ରାମ୍ ଏସିଫେଟ୍ ୭୫ SP କିମ୍ବା କ୍ଲୋରୋପାଇରିଫସ୍ ୨୦ EC ୫୦୦ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ ।
- ❖ ପତ୍ରମୋଡା ପୋକ ଦମନ ପାଇଁ ଏକର ପ୍ରତି ୫୦୦ ମି.ଲି. ଟ୍ରାଇଜୋଫସ୍ ୪୦ EC କିମ୍ବା ୪୦ ଗ୍ରା. ଥାୟୋମିଥୋକ୍ସାମ୍ ୨୫ WG କିମ୍ବା ୫ ମି.ଲି. ନିମ୍ବତେଲ ସହିତ ଶତକଡ଼ା ୨ ଭାଗ ସାବୁନ ପାଣି ଏକ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ ।
- ❖ ବାଦାମୀ ଗୁଣ୍ଡିପୋକ / ଧଳା ପତ୍ରଡିଆଁ ପୋକ ଦମନ ପାଇଁ ଏକର ପିଛା ଇମିଡାକ୍ଲୋପ୍ରିଡ୍ ୧୭.୮ SL ୫୦ ମି.ଲି. କିମ୍ବା ୪୦ ଗ୍ରାମ୍ ଥାୟୋମିଥୋକ୍ସାମ୍ ୨୫ WG କିମ୍ବା ୨୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦EC କିମ୍ବା ୫ ମି.ଲି. ନିମ୍ବତେଲ ସହିତ ଶତକଡ଼ା ୨ ଭାଗ ସାବୁନ ପାଣିକୁ ଏକ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ ।
- ❖ ବିଭିନ୍ନ ପ୍ରକାର ରୋଗ ଯଥା ମହିଷା, ପତ୍ରାଚ୍ଛାଦ ପୋଡା, ପତ୍ରପୋଡା, ପତ୍ରଗାର ପୋଡା ଏବଂ ପତ୍ରାଚ୍ଛାଦ ସଢ଼ା ରୋଗ ପାଇଁ ସାବଧାନତା ଅବଲମ୍ବନ କରିବା ଦରକାର ଯଦି ଆବଶ୍ୟକ ପଡେ ସେମାନଙ୍କୁ ଦମନ ପାଇଁ ନିମ୍ନଲିଖିତ ପଦ୍ଧତି ଅବଲମ୍ବନ କରନ୍ତୁ ।
- ❖ ପତ୍ରପୋଡା/ପତ୍ରଗାର ପୋଡା ରୋଗ ଦମନ ପାଇଁ ଏକ ଲିଟର ପାଣିରେ ୧ ଗ୍ରାମ୍ ହିସାବରେ ପ୍ଲାଣ୍ଟୋମାଇସିନ୍ କିମ୍ବା ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୫୦ ମି.ଗ୍ରା. ସହିତ କପର ଅକ୍ସିକ୍ଲୋରାଇଡ୍ ୧ ଗ୍ରାମ୍/ଲିଟର ପାଣି ମିଶାଇ ୮ ଦିନ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ ।
- ❖ ମହିଷା ରୋଗ: ଏହାକୁ ଦମନ ପାଇଁ ଏକ ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାରବେନ୍‌ଡାଜିମ୍ ୫୦ WP କିମ୍ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍ ସିଞ୍ଚନ କରିବା ଦରକାର । ଏତଦ୍ ବ୍ୟତୀତ ବେଲପତ୍ର ରସ କିମ୍ବା ତୁଳସୀ ପତ୍ର ରସ ୨୫ ଗ୍ରାମ୍ ପତ୍ର/୧ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଏହି ରୋଗ ଦମନ ହୋଇଥାଏ ।
- ❖ ପତ୍ରାଚ୍ଛାଦ ପୋଡା ରୋଗ ଦମନ ପାଇଁ ୧ ଲିଟର ପାଣିରେ ୨ ମି.ଲି. ହିସାବରେ ସିଥ୍ ମାର୍ ୩L(ଭାଲିଡାମାଇସିନ୍ ୩L) କିମ୍ବା କଣ୍ଟାଫ୍ ୫ EC ହେକ୍ସାକୋନାଜଲ ୫ EC) ୨ ମି.ଲି./ଲିଟର କିମ୍ବା ବାଭିଷ୍ଟନ୍ (କାରବେନ୍‌ଡାଜିମ୍ ୫୦ WP) ୨.୫ ଗ୍ରାମ୍ / ଲିଟର ବ୍ୟବହାର କରନ୍ତୁ ।
- ❖ ପତ୍ରାଚ୍ଛାଦ ସଢ଼ାରୋଗ ଦମନ କାରବେନ୍‌ଡାଜିମ୍ ୫୦ WP ( ବାଭିଷ୍ଟିନ୍ ୨ ଗ୍ରାମ୍/ଲିଟର ପାଣି) କିମ୍ବା ପ୍ରୋପିକୋନାଜଜଲ୍ (ଟିଲଟ୍ ୨୫ EC) ୧ ମି.ଲି./ଲିଟର ପାଣି କିମ୍ବା କଣ୍ଟାଫ୍ ୫ EC ( ହେକ୍ସାକୋନାଜଲ୍ ୫ EC) ୧ ମି.ଲି./ଲିଟର ହିସାବରେ ପ୍ରୟୋଗ କରନ୍ତୁ ।
- ❖ ସାଆଁରା ରୋଗ ଦମନ ପାଇଁ ୦.୨୫% କାରବାନାଡିଜମ୍ କିମ୍ବା ୦.୨୫% କାଟାଫଲ୍ କିମ୍ବା ୦.୪% ମାନକୋଜେବ୍ ୭ ଦିନ ଅନ୍ତରରେ ଥୋଡ ବାହାରିବା ସମୟରେ ପ୍ରୟୋଗ କରିବା ଆବଶ୍ୟକ, ଏଥିସହିତ ଦାନା ହୋଇସାରିବା ପରେ ଜମିରୁ ପାଣି କାଟିଦେବା ଦରକାର ।
- ❖ ସର୍ବଦା ମନେରଖିବା ଉଚିତ୍ ଯେ ପାଗ ପରିଷ୍କାର ଥିବା ସମୟରେ ଔଷଧ ପ୍ରୟୋଗ କରିବେ ।

******